# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 28 September - 2024

### News Editor : Tapan Kumar Moharana

*********************************

## ମୁଖ୍ୟ ସମ୍ବାଦ

- ‘ମନ୍ କୀ ବାତ୍’ କାର୍ଯ୍ୟକ୍ରମର ୧୧୪ତମ ସଂସ୍କରଣରେ ଆସନ୍ତାକାଲି ଦେଶବାସୀଙ୍କ ସହ ଭାବବିନିମୟ କରିବେ ପ୍ରଧାନମନ୍ତ୍ରୀ

- ଆଇନ୍ ଶୃଙ୍ଖଳା ରକ୍ଷା କରିବା ସରକାରଙ୍କର ପ୍ରାଥମିକ ଦାୟିତ୍ୱ; ଜିଲ୍ଲାପାଳ ସମ୍ମିଳନୀରେ କହିଲେ ମୁଖ୍ୟମନ୍ତ୍ରୀ

- ଜଳାତଙ୍କ ରୋଗର ପ୍ରଭାବ ଏବଂ ଏହାର ନିରାକରଣ ସମ୍ପର୍କରେ ସଚେତନ ସୃଷ୍ଟି କରିବା ପାଇଁ ଆଜି ପାଳନ କରାଯାଉଛି ଜଳାତଙ୍କ ଦିବସ

ଏବଂ

- ସମସ୍ତ ଯୋଗ୍ୟ ହିତାଧିକାରୀଙ୍କୁ ଆସନ୍ତାବର୍ଷ ମାର୍ଚ୍ଚ ୮ ତାରିଖ ପୂର୍ବରୁ ପ୍ରଦାନ କରାଯିବ ସୁଭଦ୍ରା ଯୋଜନାର ପ୍ରଥମ କିସ୍ତି

## ମନ୍ କୀ ବାତ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ପୂର୍ବାହ୍ନ ୧୧ଟାରେ ଆକାଶବାଣୀର ମନ୍ କି ବାତ୍ କାର୍ଯ୍ୟକ୍ରମରେ ଦେଶବାସୀଙ୍କ ସହ ଭାବ ବିନିମୟ କରିବେ । ଏହା ମନ୍ କୀ ବାତ୍‌ର ୧୧୪ତମ ସଂସ୍କରଣ ହେବ। ପ୍ରଧାନମନ୍ତ୍ରୀ ଭାବରେ ଦାୟିତ୍ୱ ଗ୍ରହଣ କରିବା ପରେ ଏହା ଚତୁର୍ଥ ମନ୍ କୀ ବାତ୍ କାର୍ଯ୍ୟକ୍ରମ।

ମନ୍ କି ବାତ୍ କାର୍ଯ୍ୟକ୍ରମ ଆକାଶବାଣୀ ଓ ଦୂରଦର୍ଶନର ସମସ୍ତ ନେଟ୍‌ୱର୍କ, ଆକାଶବାଣୀ ସମ୍ବାଦ ୱେବ୍‌ସାଇଟ୍ ଓ ନ୍ୟୁଜ୍ ଅନ୍ ଏ.ଆଇ.ଆର୍. ମୋବାଇଲ୍ ଆପ୍‌ରେ ଉପଲବ୍ଧ ହେବ । ଆକାଶବାଣୀ ସମ୍ବାଦ, ଡି.ଡି. ନ୍ୟୁଜ୍, ପି.ଏମ୍.ଓ. ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ୟୁଟ୍ୟୁବ୍ ଚ୍ୟାନେଲ୍‌ରେ ପ୍ରଧାନମନ୍ତ୍ରୀଙ୍କର ମନ୍‌କି ବାତ୍ କାର୍ଯ୍ୟକ୍ରମ ଲାଇଭ୍ ଷ୍ଟ୍ରିମିଙ୍ଗ୍ ହେବ । ମନ୍ କି ବାତ୍‌ର ହିନ୍ଦୀ ପ୍ରସାରଣ ପରେ ଆଞ୍ଚଳିକ ଭାଷାରେ ପ୍ରଧାନମନ୍ତ୍ରୀଙ୍କର ମନ୍‌କି ବାତ କାର୍ଯ୍ୟକ୍ରମର ପ୍ରସାରଣ କରାଯିବ । ଆସନ୍ତାକାଲି ରାତି ୮ଟାରେ ଆଂଚଳିକ ଭାଷାନ୍ତରଣର ପୁନଃପ୍ରସାରଣ କରାଯିବ।

## ମୁଖ୍ୟମନ୍ତ୍ରୀ-ଜିଲ୍ଲା ସମ୍ମିଳନୀ

ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକ ଶାସନ-ପ୍ରଶାସନର ଦୁଇଟି ଗୁରୁତ୍ୱପୂର୍ଣ୍ଣ ସ୍ତମ୍ଭ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକମାନଙ୍କ ମିଳିତ ସମ୍ମିଳନୀର ଦ୍ୱିତୀୟ ଦିନରେ ଉଦ୍‌ବୋଧନ

ଦେଇ ମୁଖ୍ୟମନ୍ତ୍ରୀ  କହିଛନ୍ତି, ଆଇନ୍ ଶୃଙ୍ଖଳା ରକ୍ଷା କରିବା ସରକାରଙ୍କ ପ୍ରାଥମିକ ଦାୟିତ୍ୱ। ଏହି କ୍ଷେତ୍ରରେ ପୁଲିସ୍‌ର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ମୁଖ୍ୟମନ୍ତ୍ରୀ କହିଛନ୍ତି, ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକମାନେ ମାଓବାଦୀ ମୁକାବିଲା ପାଇଁ ସଂକଳ୍ପବଦ୍ଧ ହେବା ଆବଶ୍ୟକ। ମାଓବାଦୀମାନେ ହିଂସା ପରିତ୍ୟାଗ କରି ସମାଜର ମୁଖ୍ୟ ସ୍ରୋତରେ ସାମିଲ ହେବା ଲାଗି ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଛନ୍ତି। ମହିଳାମାନଙ୍କୁ ସୁରକ୍ଷା ଦେବା ଦିଗରେ ଉତ୍ତମ ପରିବେଶ ସୃଷ୍ଟି କରିବା ପାଇଁ ପୁଲିସ୍ ପ୍ରଶାସନ ପଦକ୍ଷେପ ନେବାକୁ ପରାମର୍ଶ ଦେଇଛନ୍ତି। ମହିଳା ଓ ଶିଶୁ ଡେସ୍କକୁ କ୍ରିୟାଶୀଳ କରିବା ସହ ସାଇବର ଅପରାଧ ରୋକିବା ଦିଗରେ ଉନ୍ନତ ଜ୍ଞାନ କୌଶଳ ବ୍ୟବହାର ଲାଗି ମୁଖ୍ୟମନ୍ତ୍ରୀ ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧିକ୍ଷକମାନଙ୍କୁ ଆହ୍ୱାନ ଦେଇଛନ୍ତି। ବେଆଇନ୍ ନିଶା କାରବାର ବନ୍ଦ କରିବା ପ୍ରକ୍ରିୟାକୁ ଅଭିଯାନ ଭାବରେ ଗ୍ରହଣ କରି ପଦକ୍ଷେପ ନେବାକୁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ପରାମର୍ଶ ଦେଇଛନ୍ତି।

ମୁଖ୍ୟମନ୍ତ୍ରୀ ତାଙ୍କ ସମ୍ବୋଧନରେ କହିଛନ୍ତି, ଶ୍ରୀମନ୍ଦିର ସୁରକ୍ଷା ପାଇଁ ସ୍ୱତନ୍ତ୍ର ବାଟାଲିୟନ ପ୍ରତିଷ୍ଠା ହେବ। ଏଥିପାଇଁ ୧ ହଜାର ୪୩ଟି ପଦବୀ ସୃଷ୍ଟି କରାଯାଇଛି। ପ୍ରତ୍ୟେକ ଡାକ୍ତରଖାନାରେ  ପୁଲିସ୍ ସେବା ଯୋଗାଇ ଦିଆଯିବ। ବିପର୍ଯ୍ୟୟ ପରିଚାଳନା ନିମନ୍ତେ ଅଧିକ ୧୦ଟି ୟୁନିଟ୍ ଓଡ୍ରାଫ୍ ଦଳ ପ୍ରତିଷ୍ଠା ଏବଂ ୩ଟି ନୂଆ ଓଡ଼ିଶା ଷ୍ଟେଟ୍ ଷ୍ଟ୍ରାଇକିଂ ଫୋର୍ସ୍ ବାଟାଲିୟନ୍ ଗଠନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

## ମହିଳା ସୁରକ୍ଷା ଉପରେ ଆଲୋଚନା

ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ମିଳିତ ସମ୍ମିଳନୀର ଦ୍ୱିତୀୟ ଦିବସରେ ଆଜି ମହିଳା ସୁରକ୍ଷାରେ ବିଭିନ୍ନ ବିଭାଗର ଏକକ ସମନ୍ୱୟ ଉପରେ ସ୍ୱତନ୍ତ୍ର ଅଧିବେଶନରେ ଆଲୋଚନା ହୋଇଥିଲା। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସମେତ ଗୃହ ବିଭାଗର ସ୍ୱତନ୍ତ୍ର ଶାସନ ସଚିବ, ପୁଲିସ୍ ବିଭାଗର ବରିଷ୍ଠ ଅଧିକାରୀଙ୍କ ସମେତ ମହିଳା ଶିଶୁ ବିକାଶ ଓ ରାଜ୍ୟ ସମାଜ କଲ୍ୟାଣ ବୋର୍ଡର ନିର୍ଦ୍ଦେଶିକା ପ୍ରମୁଖ ଏଥିରେ ଅଂଶଗ୍ରହଣ କରିଥିଲେ।

## ଅଭିଯୋଗ ଶୁଣାଣି

ମୁଖ୍ୟମନ୍ତ୍ରୀଙ୍କ ଜନଅଭିଯୋଗ ଶୁଣାଣି ଆସନ୍ତା ୩୦ ତାରିଖ ସୋମବାର ଦିନ ବନ୍ଦ ରହିବ। ମୁଖ୍ୟମନ୍ତ୍ରୀଙ୍କ ଅନ୍ୟ ଜରୁରୀ ସରକାରୀ କାର୍ଯ୍ୟ ଥିବାରୁ ୟୁନିଟ୍ ୫ ସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଜନଶୁଣାଣି ବନ୍ଦ ରହିବ। ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ଏହି ସୂଚନା ମିଳିଛି।

## ଜଳାତଙ୍କ ଦିବସ

ଜଳାତଙ୍କ ରୋଗର ପ୍ରଭାବ ଓ ଏହାର ନିରାକରଣ ସଂପର୍କରେ ଜନସଚେତନତା ସୃଷ୍ଟି କରିବା ପାଇଁ ଆଜି ବିଶ୍ୱ ଜଳାତଙ୍କ ଦିବସ ପାଳିତ ହେଉଛି । ଜଳାତଙ୍କ ଏକ ଭୂତାଣୁ ଜନିତ ରୋଗ । ଏହି ରୋଗ ସଂକ୍ରମିତ ପ୍ରାଣୀ କାମୁଡ଼ିଲେ କିମ୍ବା ସଂକ୍ରମିତ ପ୍ରାଣୀର ଲାଳ ସଂସ୍ପର୍ଶରେ ଆସିଲେ ଜଣେ ଲୋକକୁ ଜଳାତଙ୍କ ରୋଗ ହୋଇଥାଏ । ଗୃହପାଳିତ ପ୍ରାଣୀମାନଙ୍କୁ ସୁରକ୍ଷିତ ରଖିବା ସହିତ ମାଂସଭୋଜି ବନ୍ୟପ୍ରାଣୀଙ୍କ ପ୍ରତି ସାବଧାନ ରହିବା ପାଇଁ

ସଚେତନ କରାଯାଉଛି । କୁକୁର କାମୁଡ଼ା ଯୋଗୁଁ ବ୍ୟକ୍ତି ଭୂତାଣୁ ସଂକ୍ରମିତ ହୋଇଥିଲେ ଜଳାତଙ୍କ ରୋଗର ଲକ୍ଷଣ ପ୍ରକାଶ ପାଇଥାଏ ।

**ଗଜପତି** ଜିଲ୍ଲା ପାରଳାଖେମୁଣ୍ଡି ସ୍ଥିତ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସାଳୟ ପକ୍ଷରୁ ଆଜି ଜିଲ୍ଲାସ୍ତରୀୟ 'ବିଶ୍ୱ ଜଳାତଙ୍କ ଦିବସ' ଅବସରରେ ୬୦ରୁ ଅଧିକ ପ୍ରଜାତିର କୁକୁରମାନଙ୍କୁ ପ୍ରତିଷେଧକ ଟିକାକରଣ କରାଯାଇଥିଲା। ଜଳାତଙ୍କ ରୋଗ ସଚେତନତା ସମ୍ବନ୍ଧରେ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ଅନ୍ତର୍ଜାତୀୟ ନିରାପଦ ଗର୍ଭପାତ ଦିବସ

**ପୁରୀ** ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପକ୍ଷରୁ ଅନ୍ତର୍ଜାତୀୟ ନିରାପଦ ଗର୍ଭପାତ ଦିବସ ପାଳିତ ହୋଇଯାଇଛି। ଜିଲ୍ଲା ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ବିନୋଦ ବିହାରୀ ରଥ ନିରାପଦ ଗର୍ଭପାତ ଦିବସ ପାଳନର ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଡାକ୍ତରଙ୍କ ପରାମର୍ଶ ଓ ଅନୁମୋଦିତ ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକରେ କେବଳ ୨୪ ସପ୍ତାହ ମଧ୍ୟରେ ଗର୍ଭପାତ କରାଇବା ନିରାପଦ ବୋଲି ଡାକ୍ତର ରଥ କହିଥିଲେ।

## ସୁଭଦ୍ରା ଯୋଜନା

ଆସନ୍ତାବର୍ଷ ମାର୍ଚ୍ଚ ୮ ତାରିଖ ପୂର୍ବରୁ ସୁଭଦ୍ରା ଯୋଜନା ଅନ୍ତର୍ଗତ ସମସ୍ତ ଯୋଗ୍ୟ ହିତାଧିକାରୀଙ୍କୁ ପ୍ରଥମ କିସ୍ତି ପ୍ରଦାନ କରାଯିବ। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡାଙ୍କ ଉପସ୍ଥିତିରେ ଏ ସମ୍ପର୍କିତ ତଥ୍ୟ ଉପସ୍ଥାପନ କରି ମହିଳା ଓ ଶିଶୁବିକାଶ ବିଭାଗ ପ୍ରମୁଖ ଶାସନ ସଚିବ ସୁଭା ଶର୍ମା କହିଛନ୍ତି, ଏପର୍ଯ୍ୟନ୍ତ ୯୫ ଲକ୍ଷରୁ ଅଧିକ ସୁଭଦ୍ରା ଆବେଦନ ପଞ୍ଜୀକୃତ ହୋଇଛି। ସେଗୁଡ଼ିକ ମଧ୍ୟରୁ ୨୫ ଲକ୍ଷ ୧୭ ହଜାର ୫୪୫ ଜଣ ଯୋଗ୍ୟ ହିତାଧିକାରୀଙ୍କ ବ୍ୟାଙ୍କ

ଆକାଉଣ୍ଟକୁ ପ୍ରଥମ କିସ୍ତି ପ୍ରଦାନ କରାଯାଇଥିବାବେଳେ ୧୨ ହଜାର ୧୭୫ ଜଣଙ୍କୁ ସିବିଡିସି ଜରିଆରେ ଅର୍ଥ ପ୍ରଦାନ କରାଯାଇଛି।

## ସ୍ୱଚ୍ଛତା ହିଁ ସେବା

ଛାତ୍ରଛାତ୍ରୀଙ୍କୁ ସ୍ୱଚ୍ଛତା ପ୍ରତି ଅଧିକ ସଚେତନ କରିବା ଉଦ୍ଦେଶ୍ୟରେ **ନୟାଗଡ଼** ଜିଲ୍ଲା ପ୍ରଶାସନ ଏବଂ ଜିଲ୍ଲା ଶିକ୍ଷା ବିଭାଗର ମିଳିତ ଆନୁକୂଲ୍ୟରେ 'ସ୍ୱଚ୍ଛତା ହିଁ ସେବା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ୱଚ୍ଛତା ସମ୍ବନ୍ଧୀୟ ଏକ ପ୍ରତିଯୋଗିତା କାର୍ଯ୍ୟକ୍ରମରେ ୬୪ ଜଣ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ସ୍ୱଚ୍ଛତା ସମ୍ପର୍କିତ ଚିତ୍ରାଙ୍କନ, ପ୍ରବନ୍ଧ, ସ୍ଲୋଗାନ ଲିଖନ ଏବଂ କବିତା ଲିଖନ ବିଷୟରେ ଏହି ପ୍ରତିଯୋଗିତା କରାଯାଇଥିଲା।

**କେନ୍ଦ୍ରାପଡା** ଜିଲ୍ଲାର ବିଭିନ୍ନ ମହାବିଦ୍ୟାଳୟ ଏବଂ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ନେଇ ଏକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ପୌର ନିର୍ବାହୀ ଅଧିକାରୀ ଅଜିତ୍ ନାରାୟଣ ଗିରି ଏବଂ ଅଧ୍ୟକ୍ଷ ଏହି ଶୋଭାଯାତ୍ରାରେ ଉପସ୍ଥିତ ଥିଲେ।

## ଭିନ୍ନକ୍ଷମ ଛାତ୍ରଛାତ୍ରୀଙ୍କ ସ୍ୱାସ୍ଥ୍ୟପରୀକ୍ଷା

**ଗଞ୍ଜାମ** ଜିଲ୍ଲା ଦିଗପହଣ୍ଡି ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଭିନ୍ନକ୍ଷମ ଛାତ୍ରଛାତ୍ରୀଙ୍କ ଡାକ୍ତରୀ ପରୀକ୍ଷା ସହ ସହାୟକ ଉପକରଣ ବଣ୍ଟନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଦିଗପହଣ୍ଡି, ସାନଖେମୁଣ୍ଡି ଏବଂ ଶେରଗଡ଼ ବ୍ଲକ୍ ଅଧୀନରେ

ଥିବା ବିଭିନ୍ନ ବିଦ୍ୟାଳୟରୁ ୬୦ରୁ ଊର୍ଦ୍ଧ୍ୱ ଭିନ୍ନକ୍ଷମ ଛାତ୍ରଛାତ୍ରୀ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ ।

## ଶ୍ରଦ୍ଧାଞ୍ଜଳି-ସ୍ୱାମୀନାଥନ

ଜୟପୁରସ୍ଥିତ ଏମ୍‌ଏସ୍ ସ୍ୱାମୀନାଥନ ଗବେଷଣା ପ୍ରତିଷ୍ଠାନ ପକ୍ଷରୁ ସବୁଜ ବିପ୍ଳବର ଜନକ ଭାରତରତ୍ନ ପ୍ରଫେସର ସ୍ୱାମୀନାଥନ୍‌ଙ୍କୁ ଆଜି ତାଙ୍କର ପ୍ରଥମ ଶ୍ରାଦ୍ଧବାର୍ଷିକୀରେ ଶ୍ରଦ୍ଧାଞ୍ଜଳି  ଦିଆଯାଇଛି । କୃଷକମାନଙ୍କ ସମେତ ସମାଜର ସବୁ ଶ୍ରେଣୀର ଲୋକମାନେ ଉପସ୍ଥିତ ରହି ପ୍ରଫେସର ସ୍ୱାମୀନାଥନଙ୍କୁ ଶ୍ରଦ୍ଧାଞ୍ଜଳି ଦେଇଥିଲେ। ପ୍ରଫେସର ସ୍ୱାମୀନାଥନ ଗବେଷଣା ପ୍ରତିଷ୍ଠାନର ନିର୍ଦ୍ଦେଶକ ପ୍ରଶାନ୍ତ କୁମାର ପରିଡା ସବୁଜ ବିପ୍ଳବ ନାୟକଙ୍କର ଜୀବନୀ ଏକ ଚିରନ୍ତନ ପ୍ରେରଣା ଏବଂ ସମାଜ ପ୍ରତି ତାଙ୍କର ଅବଦାନ ଚିରସ୍ମରଣୀୟ ହୋଇ ରହିବ ବୋଲି କହିଥିଲେ ।

## ସ୍ୱତନ୍ତ୍ର ପର୍ଯ୍ୟଟକ ଟ୍ରେନ

ଭାରତୀୟ ବୌଦ୍ଧ ସର୍କିଟ ପର୍ଯ୍ୟଟନ ଋତୁରେ ଭାରତୀୟ ରେଲୱେ ଖାଦ୍ୟପେୟ ଏବଂ ପର୍ଯ୍ୟଟନ ନିଗମ ଲିମିଟେଡ (ଆଇଆରସୀଟୀସୀ) ଏକ ସ୍ୱତନ୍ତ୍ର ପର୍ଯ୍ୟଟକ ଟ୍ରେନ ଚଳାଇବ। ଏହି ଟ୍ରେନ ଦିଲ୍ଲୀଠାରୁ ଆରମ୍ଭ କରି ବୁଦ୍ଧର ମହାପରିନିର୍ବାଣ ସ୍ଥାନ କୁଶୀନଗର ଏବଂ ଲୁମ୍ବିନୀ ସମେତ ଅନେକ ଗୁରୁତ୍ୱପୁର୍ଣ୍ଣ ସ୍ଥାନ ପରିଦର୍ଶନ କରିବେ। ବିଳାସପୁର୍ଣ୍ଣ ସୁବିଧା ଯୋଗାଇବା ସହିତ ଏହି ଟ୍ରେନ ୧୯ ଅକ୍ଟୋବରରୁ ମାର୍ଚ୍ଚ ୨୨ ପର୍ଯ୍ୟନ୍ତ ସାତଥର ଯାତ୍ରା କରିବ। ଆଞ୍ଚଳିକ ପର୍ଯ୍ୟଟନ ଅଧିକାରୀ ଗୋରଖପୁର, ରବିନ୍ଦ୍ର କୁମାର

କହିଛନ୍ତି ଦେଶୀ ଏବଂ ବିଦେଶୀ ପର୍ଯ୍ୟଟକଙ୍କ ପାଇଁ ଆଇଆରସୀଟୀସୀ ଭାରତୀୟ ବୌଦ୍ଧ ସର୍କିଟ ପାଇଁ ବୁକିଙ୍ଗ ଆରମ୍ଭ କରିଛି।

ଏହି ଟ୍ରେନରେ ଯାତ୍ରୀମାନେ କୁଶୀନଗର, ଲୁମ୍ବିନୀ, ବୋଦ୍ଧଗୟା, ସାରନାଥ ବ୍ୟତୀତ ବାରଣାସୀ କପିଳବସ୍ତୁ, ଶ୍ରାବସ୍ତୀ ଆଦି ବୌଦ୍ଧ ତୀର୍ଥ ସ୍ଥାନରେ ଥିବା ପ୍ରାଚୀନ ସ୍ତୁପ, ଐତିହ୍ୟ ଆଦି ପରିଦର୍ଶନ କରିବେ। ଯାତ୍ରାର ଶେଷ ଦିନରେ ପର୍ଯ୍ୟଟକ ତାଜମହଲ ପାଇଁ ପ୍ରସିଦ୍ଧ ଆଗ୍ରା ମଧ୍ୟ ବୁଲିପାରିବେ।

## ଫୁଟ୍‌ବଲ୍

ସମ୍ବଲପୁର ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ୍‌ରେ ଆଜି ସର୍ବ ଭାରତୀୟ ଫୁଲବଲ୍ ପ୍ରତିଯୋଗିତା ୨୦୨୪ ଉଦଘାଟିତ ହୋଇଯାଇଛି। ସମ୍ବଲପୁର ବିଧାୟକ ଜୟ ନାରାୟଣ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଛନ୍ତି। ଆସନ୍ତାମାସ ୪ ତାରିଖ୍ ପର୍ଯ୍ୟନ୍ତ ପ୍ରତ୍ୟେକ ଦିନ ଗୋଟିଏ ଲେଖାଏଁ ମ୍ୟାଚ୍ ଖେଳାଯିବ। ଓଡ଼ିଶା ସମେତ ମହାରାଷ୍ଟ୍ର, ଝାରଖଣ୍ଡ, ପଶ୍ଚିମବଙ୍ଗ, ବିହାର ଓ ଆନ୍ଧ୍ରପ୍ରଦେଶର ମୋଟ୍ ୮ଟି ଫୁଟବଲ୍ ଦଳ ଅଂଶଗ୍ରହଣ କରିଛନ୍ତି।

******************************